# Akashvani, Sambalpur

## SAMBALPURI NEWS EVENING BULLETIN

## 6 February 2026 - 7.02 pm- 7.12 pm.

*******************************************

୧- ଦକ୍ଷତା ବିକାଶ୍‌କେ ବଢ଼ାବାର୍‌ଟା ମାନବ୍ ସମ୍ବଲ୍‌ଥି ଗୁଟେ ନିବେଶ୍ ଆଏ- କହେଲେ ରାଷ୍ଟ୍ରପତି ।

- ବ୍ଲାକ୍ ସ୍ୱାନ୍ ସମ୍ମିଲନୀ-୨୦୨୬ ଥି ହେଲେ ସାମିଲ୍ ।

୨- ଛାତ୍ରଛାତ୍ରୀମାନେ ନିଜର୍ ପାଠ୍‌ପଢ଼୍‌ବାର୍ ତରିକା ଉପ୍‌ରେ ବିଶ୍ୱାସ୍ ରଖିକରି ତୟାରି କର୍‌ବାର୍‌କେ ପରାମର୍ଶ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- ପରୀକ୍ଷା ପେ ଚର୍ଚ୍ଚାର୍ ୯ ନମ୍ବର୍ ସଂସ୍କରଣ୍‌ଥି ଛାତ୍ରଛାତ୍ରୀମାନ୍‌କର୍ ସଙ୍ଗେ କଲେ ବିଚାର୍ ବିନିମୟ ।

୩- ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଦେଖିଲେ ରାଜ୍ୟପାଲ୍, ମୁଖ୍ୟମନ୍ତ୍ରୀ ।

ଆଉର୍

୪- ବେଭାର୍ ନାଇଁ ହଉଥିବା ସରକାରୀ ଘର୍‌କେ ବାସହୀନ ଲୁକ୍‌କୁ ଭଡ଼ାଥି ଯୁଗେଇ ଦେବେ ସରକାର୍ ।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ ଏକ୍ସ

ଦକ୍ଷତା ବିକାଶ୍‌କେ ଆଗ୍‌କେ ବଢ଼ାବାର୍, ବିଶ୍ୱସ୍ତରର୍ ଦକ୍ଷତା କେନ୍ଦ୍ର ଥାପ୍‌ନା କର୍‌ବାର୍ ଆଉ ନୂଆଁ ସୃଜନ୍ କ୍ଷମତା ବଢ଼ାବାର୍‌ଟା ମାନବ ଗୁଟେ ନିବେଶ୍ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଭୁବ୍‌ନେଶ୍ୱର୍ ନ ଚାଲିଥିବା ବ୍ଲାକ୍ ସ୍ୱାନ୍ ସମ୍ମିଳନୀଥି ଉଦ୍‌ବୋଧନ୍ ଦେଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍, ଭାରତ୍‌ର ଫିନ୍‌ଟେକ୍ କାହାଣୀକେ ଖାଲି ପ୍ରଯୁକ୍ତିର୍ କାହାଣୀ ଭାବେ ନାଇଁ ଦେଖିକରି ଲିଙ୍ଗଗତ ନ୍ୟାୟ ଭାବେ ଭିଲ୍ ଦେଖାଯିବା । କୃତ୍ରିମ ବୁଦ୍ଧିମତା ଇହାଦେ ଆମର୍ ଅର୍ଥନୀତି ଆଉ ସମାଜ୍‌କେ ଜବର୍ ରୂପାନ୍ତରଣ୍ କରୁଛେ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ।

ସମ୍ମିଳନୀଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସୂଚନା ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଆଏଜ୍ ସଖାଲ୍‌ବେଲା ରାଷ୍ଟ୍ରପତି ଶିମିଲିପାଲ୍ ନ ଆଦିବାସୀ ମହିଲା ଆଉ ଯୁବଗୋଷ୍ଠୀଙ୍କର୍ ସଙ୍ଗେ ଭାବ୍ ବିନିମୟ କରିକରି ଶିକ୍ଷାର୍ ଗୁରୁତ୍ୱ ବୁଝାବାର୍ ସହେତେ ଦେଶର୍

ବିକାଶ୍ ଯାତ୍ରାଥି ସକ୍ରିୟ ଭାଗିଦାର୍ ହେବାର୍‌କେ ପରାମର୍ଶ ଦେଇଥିଲେ ।

ପରୀକ୍ଷା ପେ ଚର୍ଚ୍ଚା-ପ୍ରଧାନ୍‌ମନ୍ତ୍ରୀ          ଏନ୍‌ଏସ୍‌ଡି

ଛାତ୍ରଛାତ୍ରୀମାନେ ନିଜର୍ ପାଠ୍‌ପଢ଼୍‌ବାର୍ ତରିକା ଉପ୍‌ରେ ବିଶ୍ୱାସ୍ ରଖିକରି ସେ ହିସାବେ ପରୀକ୍ଷା ଲାଗି ତୟାରି କର୍‌ବାର୍ ଦର୍‌କାର୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ୭ ଲୋକ୍‌କଲ୍ୟାଣ୍ ମାର୍ଗ ଠାନେ ଥିବା ନିଜର୍ ସର୍‌କାରୀ ବାସଭବନ୍ ନ  ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍‌ଥି ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଦେଶର୍ ଭିନ୍ ଭିନ୍ ଜାଗାର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ବିଚାର୍ ବିନିମୟ କରିକରି କହିଛନ୍, ଜୀବନ୍‌କେ ଉତ୍କର୍ଷ ଆଉ ପରିପୂର୍ଣ୍ଣ କର୍‌ବାର୍‌ଥି ଶିକ୍ଷା ଗୁଟେ ବର୍‌କସ୍ ମାଧ୍ୟମ୍ । ପରୀକ୍ଷା ଖାଲି ନିଜ୍‌କେ ପରୀକ୍ଷା କର୍‌ବାର୍ ଗୁଟେ ମାଧ୍ୟମ୍ ନୁହେଁସେ, ଜୀବନ୍‌କେ ଗୁଟେ ରୂପ୍ ଦେବାର୍ ମାଧ୍ୟମ୍ ଭିଲ୍ ଆଏ । ପରୀକ୍ଷାକେ ଜୀବନ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଛାତ୍ରଛାତ୍ରୀମାନେ ଗ୍ରହଣ୍ କର୍‌ବାର୍ ଉଚିତ୍ । ସଫଳତା ଲାଗି ଜୀବନ୍ ଆଉ ବୃତିଗତ କୌଶଲ୍‌ର ଆବଶ୍ୟକତା ରହିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଇ ଅବ୍‌ସରେ ଫି’ ଛାତ୍ରଛାତ୍ରୀଙ୍କର୍ ପାଠ୍‌ପଢ଼ାର୍ ଗତିକେ ନେଇକରି ଶିକ୍ଷକ୍ ଶିକ୍ଷୟିତ୍ରୀମାନେ ସମ୍ବେଦନ୍‌ଶୀଲ୍ ହେବାର୍‌କେ ପରାମର୍ଶ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଶିକ୍ଷା ଆଉ ଦକ୍ଷତା ପରସ୍ପର ପରିପୂରକ୍ ଆନ୍ ।

ଶିକ୍ଷା ଗୁଟେ ବିଷେଥି ଜ୍ଞାନ୍ ଦେଇପାର୍‌ବା, ମାତର୍‌କ ଦକ୍ଷ ହେବାର୍‌କେ ହେଲେ ବାରମ୍ବାର୍ ଅଭ୍ୟାସ୍ କର୍‌ବାର୍‌କେ ପଡ଼୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ପରୀକ୍ଷା ପେ ଚର୍ଚ୍ଚା-କେନ୍ଦ୍ରଶିକ୍ଷାମନ୍ତ୍ରୀ ଏକ୍ସ

ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ସର୍ବଶ୍ରେଷ୍ଠ ମାର୍ଗଦର୍ଶକ୍ ସାଜିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ କାର୍ଯ୍ୟକ୍ରମ୍‌ର ପ୍ରସାରଣ୍ ଦେଖ୍‌ବାର୍ ଉତ୍‌ରୁ ଶ୍ରୀ ପ୍ରଧାନ୍ କହିଛନ୍, ଦେଶର୍ କୋଟି କୋଟି ବିଦ୍ୟାର୍ଥୀଙ୍କୁ ଇ କାର୍ଯ୍ୟକ୍ରମ୍ ନୂଆଁ ରାସ୍ତା ଦେଖଉଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଛୋଟ୍ ଛୋଟ୍ ବାର୍ତା ଆଉ ସରଲ୍ ଉଦାହରଣ୍ ଛାତ୍ରଛାତ୍ରୀଙ୍କର୍ ମନ୍ ଭିତ୍‌ରୁ ଡର୍ ଦୂର୍ କର୍‌ବାର୍ ସହେତେ ଆତ୍ମବିଶ୍ୱାସ୍ ବଢ଼ଉଛେ ।

ପରୀକ୍ଷା ପେ ଚର୍ଚ୍ଚା-ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଆଏଜ୍ ଲୋକ୍ଭବନ୍ ପରିସର୍ ନ ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ପ୍ରଧାନ୍ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଦେଖିଛନ୍ । କାର୍ଯ୍ୟକ୍ରମ୍ଥି ଭିନ୍ ଭିନ୍ ବିଦ୍ୟାଳୟର୍ ୪୫ ଝନ୍ ଛାତ୍ରଛାତ୍ରୀ ସାମିଲ୍ ଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ ଭୁବ୍ନେଶ୍ୱର୍ ୟୁନିଟ୍- ୧ ସର୍କାରୀ ଉଚ୍ଚବିଦ୍ୟାଳୟ ପରିସର୍ ନ ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ପ୍ରଧାନ୍ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ର ସିଧା ପ୍ରସାରଣ୍ ଦେଖିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଭାବ୍ ବିନିମୟ କରିକରି ଚାପମୁକ୍ତ ହେଇକରି ଧୈର୍ଯ୍ୟର୍ ସହେତେ ପାଠ୍ ପଢ଼୍ବାର୍କେ ପରାମର୍ଶ ଦେଇଛନ୍ । ପାଠ୍ପଢ଼୍ବାର୍ ଲାଗି ଆରାମ୍ ଦାୟକ୍ ପରିବେଶ୍ ବଦ୍ଲା, ପରିବେଶ୍କେ ପାଠ୍ପଢ଼ା ହିସାବେ ଆରାମ୍ଦାୟକ୍ ବନାବାର୍କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ପରୀକ୍ଷାର୍ ଫଳାଫଲ୍ଥି ଜୀବନ୍ର ସଫଳତା ନାଇଁଥାଏ, ଜ୍ଞାନ୍ ଅର୍ଜନ୍ କର୍ବାର୍ ବାଟ୍ ହିଁ ଠିକ୍ ବାଟ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓସେପା ପ୍ରକଳ୍ପ ନିର୍ଦ୍ଦେଶକ୍ ଅନନ୍ୟା ଦାସ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

## ପରୀକ୍ଷା ପେ ଚର୍ଚ୍ଚା-ଜିଲ୍ଲା ବଲାଙ୍ଗିର/କଲାହାଣ୍ଡି/ବୌଦ୍ଧ/ନୂଆପଡ଼ା/ସୁବର୍ଣ୍ଣପୁର

ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଦେଖ୍‌ବାର୍ ଲାଗି ସାରା ରାଏଜେ ଆଏଜ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଭିନ୍ ଭିନ୍ ବ୍ୟବସ୍ଥା କରାଯାଇଥିଲା । ବଲାଙ୍ଗିର୍ ଜିଲ୍ଲା ପଥର୍‌ଚେପା ଓଡ଼ିଶା ଆଦର୍ଶ ବିଦ୍ୟାଲୟ ପରିସର୍ ନ ୬ ନୁ **୧୨** ଶ୍ରେଣୀର ୬ ଶହ ୩୦ ନୁ ଅଏତ୍‌କା ଛାତ୍ରଛାତ୍ରୀ ଉପସ୍ଥିତ୍ ରହିକରି କାର୍ଯ୍ୟକ୍ରମ୍‌ର ପ୍ରସାରଣ୍ ଦେଖିଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଲୟ ପରିସର୍ ନ ଛାତ୍ରଛାତ୍ରୀ, ଶିକ୍ଷକ୍, ଶିକ୍ଷୟିତ୍ରୀମାନେ ମିଶିକରି କାର୍ଯ୍ୟକ୍ରମ୍‌ର ପ୍ରସାରଣ୍ ଦେଖିଥିଲେ । ଛାତ୍ର ଜୀବନ୍‌ଥି ପରୀକ୍ଷା ଦେବାର୍ ବେଲେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରାମର୍ଶ ବହୁତ୍ ପ୍ରଭାବିତ୍ କର୍‌ବା ବଲି ଛାତ୍ରଛାତ୍ରୀମାନେ ଇ ଅବ୍‌ସରେ କହିଛନ୍ ।

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଲୟ ଆଉ ନବୋଦୟ ବିଦ୍ୟାଲୟ ପରିସର୍ ନ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ୍ ଦେଖିଛନ୍ । ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଲୟ ପରିସର୍ ନ ଭିଲ୍ ଛାତ୍ରଛାତ୍ରୀମାନେ ମିଶିକରି କାର୍ଯ୍ୟକ୍ରମ୍ ଦେଖିଛନ୍ । କାର୍ଯ୍ୟକ୍ରମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀ ଛାତ୍ରଛାତ୍ରୀମାନ୍‌କୁ ପରୀକ୍ଷାକେ ସହଜ୍ ଆଉ

ସରଲ୍ କର୍‌ବାର୍ ଲାଗି ଦେଇଥିବା ବାର୍ତା ବନେ ଉତ୍ସାହିତ୍ କରୁଛେ ବଲି ବିଦ୍ୟାଲୟର୍ ୧୦ ଶ୍ରେଣୀର୍ ଛାତ୍ରୀ ଆରୁଷୀ ଶୁକ୍ଲା କହିଛନ୍...

(ଭଏସ୍ ଓଭର୍- ଛାତ୍ରୀ)

ସୁବର୍ଣ୍ଣପୁର୍ ପିଏମ୍‌ଶ୍ରୀ ବିଦ୍ୟାଲୟ ପରିସର୍ ନ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍, ଶିକ୍ଷୟତ୍ରୀ ମାନେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରାମର୍ଶ ଶୁନିଛନ୍ ।

ଭାରତୀୟ ମଜ୍‌ଦୁର୍ ସଂଘ-ଜାତୀୟ ସମ୍ମିଲନୀ/ ପୁରୀ ସମ୍ବାଦଦାତା

ରାଷ୍ଟ୍ର ଗଠନ୍‌ଥି ଶ୍ରମିକ ଶକ୍ତି ପ୍ରମୁଖ ଭୂମିକା ନେସନ୍ ବଲି କେନ୍ଦ୍ର ଶ୍ରମ ଆଉ ନିୟୋଜନ୍ ମନ୍ତ୍ରୀ ଡକ୍ଟର୍ ମନସୁଖ୍ ମାଣ୍ଡଭିୟ କହିଛନ୍ । ପୁରୀ ବଗଲା ଧର୍ମଶାଳା ପରିସର୍ ନ ହେଇଥିବା ଭାରତୀୟ ମଜ୍‌ଦୁର୍ ସଂଘର୍ ୨୧ ନମ୍ବର୍ ଜାତୀୟ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ଶ୍ରୀ ମାଣ୍ଡଭିୟ କହିଛନ୍, ଇ ସମ୍ମିଲନୀଥି ଶ୍ରମିକ କଲ୍ୟାଣ୍ ଲାଗି ହେବାର୍‌କେ ଥିବାର୍ ବିଚାର୍ ବିମର୍ଷ ଆଉ ନିଷ୍କର୍ଷ ଦେଶର୍ ଶ୍ରମିକ୍‌ମାନ୍‌କର୍ ବିକାଶ୍ ଦିଗେ ସାହାଜ୍ କର୍‌ବା । ତିନ୍‌ଦିନିଆ ସମ୍ମିଲନୀଥି ଦେଶର୍ ୨୮ଟା ରାଜ୍ୟ, ୪ଟା କେନ୍ଦ୍ରଶାସିତ୍ ଅଂଚଲ, ୪୨ଟା ଶିଳ୍ପ ଫେଡେରେସନ୍‌ର ପ୍ରତିନିଧି ଯୋଗ୍ ଦଉଛନ୍ । ଇତାର୍ ସହେତେ ବ୍ରାଜିଲ୍, ମରିସସ୍, ଇଟାଲୀ, ତୁର୍କୀ, ନେପାଲର ୩୮ ଝନ୍ ପ୍ରତିନିଧି

ଭିଲ୍ ସାମିଲ୍ ହେଇଛନ୍ । ଇ ଅବ୍ସରେ ବଦ୍ଲୁଥିବା ପ୍ରଯୁକ୍ତିବିଦ୍ୟା, ନୈତିକ୍ ପରିସ୍ଥିତି, କର୍ମକ୍ଷେତ୍ର ନ ଶ୍ରମିକ ସଂଘର୍ ପ୍ରଭାବ୍ ବାବ୍ଦେ ଆଲୋଚନାଚକ୍ରର୍ ଆୟୋଜନ୍ କରାଯାଇଛେ ।

## ସର୍କାରୀ ଘର୍ଭଡ଼ା ଆଇ.ଆଣ୍ଡ୍.ପି.ଆର୍

ରାଏଜେ ବେଭାର୍ ନାଇଁହଉଥିବା ସର୍କାରୀ ଘର୍ ମାନ୍କୁ ସହରୀ ଇଲାକାର୍ ବାସହୀନ ଲୁକ୍କୁ ଭଡ଼ାଥି ଯୁଗେଇ ଦିଆଯିବା । କର୍ମଜୀବୀ ମହିଲାମାନ୍କୁ ଭଡ଼ା ଘର୍ ଦେବାର୍ଥି ପ୍ରାଥମିକତା ଦିଆଯିବା । ଇଥିର୍ଲାଗି ଖାଲି ପଡ଼ିଥିବା ସର୍କାରୀ ଘର୍ ଠାବ୍ କର୍ବାର୍କେ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ପ୍ରଧାନ୍ମନ୍ତ୍ରୀ ସହରାଂଚଲ୍ ଆବାସ୍ ଯୋଜ୍ନା-ଟୁ ପଏଂଟ୍ ଜିରୋ ଅନ୍ସାରେ ମାର୍ଗଦର୍ଶିକାଥି ୨ ଟା ମୋଡ଼େଲ୍ଥି ଠିକ୍ ଦାମ୍ଥି ଭଡ଼ା ଘର୍ ଦିଆଯିବା ବଲି କୁହାଯାଇଛେ ।

## ଚିଟ୍ଫଣ୍ଡ ସମିଆ ବଢ଼୍ଲା ହି.ସ.

ରାଜ୍ୟ ସର୍କାର୍ ଚିଟ୍ଫଣ୍ଡ କ୍ଷୁଦ୍ର ଜମାକାରୀମାନ୍କୁ ଟଙ୍କା ଫିରାବାର୍ ସମିଆକେ ଆଏବା ମାସର୍ ୩୧ ତାରିଖ୍ତକ୍

ବଢ଼େଇଛନ୍ । ଜାନୁଆରୀ ୩୧ ତାରିଖ୍ ଭିତ୍‌ରେ ସବୁ ଜମାକାରୀ ଟଙ୍କା ଫିରି ନାଇଁ ପାଇଥିବାର୍‌ନୁ ସର୍‌କାର୍ ଇ ସମିଆକେ ବଢ଼େଇଛନ୍ । ତଦନ୍ତ କମିଶନ୍ ସୁପାରିଶ୍ କରିଥିବା ଆଉ ଟଙ୍କା ନାଇଁ ପାଇଥିବା ଜମାକାରୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ ।

ଡବ୍ଲୁଓଡିସି ଚେୟାର୍‌ମେନ୍ ଆଇ.ଆଣ୍ଡ୍.ପି.ଆର୍

ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍‌ର ଅଧ୍ୟକ୍ଷ ଭାବେ ଉତରାଂଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ୍ କେଶରୀ ମହାପାତ୍ର ଆଏଜ୍ ଅତିରିକ୍ତ ଦାୟିତ୍ୱ ନେଇଛନ୍ । ଉତରାଂଚଳ ରାଜସ୍ୱ ଆୟୁକ୍ତ ଭାବେ ଯୋଗ୍ ଦେବାର୍ ଉତ୍‌ରୁ ତାଙ୍କୁ ଇ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ପରିଷଦ୍‌ର ମୁଖ୍ୟାଳୟ ନ ଶ୍ରୀ ମହାପାତ୍ର ଆଏଜ୍ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ୍ କର୍‌ବାର୍ ସହେତେ ସଭେ ମିଶିକରି ପରିଷଦ୍‌ର ସାମୂହିକ୍ ଲକ୍ଷ୍ୟ ହାସଲ୍ ଦିଗେ କାମ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

ଫାଇଲେରିଆ -ଉଷୋ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଆଏବା ୧୦ ତାରିଖ୍‌ନୁ ଫାଇଲେରିଆ ନିରାକରଣ୍ ଲାଗି ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ମୁଲ୍ ହେବା ।

ଇ ବଛର୍ ରାଜ୍ୟର୍ ୭ ଲାଖ୍ ୪୦ ହଜାର୍ ଲୁକ୍‌କୁ ଫାଇଲେରିଆ ନିରୋଧୀ ଉଷୋ ଦିଆଯିବା । ବଲାଙ୍ଗିର୍, ବର୍‌ଗଡ଼୍, ଢେଙ୍କାନାଲ୍, ଯାଜ୍‌ପୁର୍ ଆଉ ଗଞ୍ଜାମ୍ ଜିଲ୍ଲା ନ ୧୦ ନୁ ୧୯ ତାରିଖ୍‌ତକ୍ ଇ ଅଭିଯାନ୍ ଚାଲ୍‌ବା । ଇତାର୍‌ସହେତେ ଜାତୀୟ କୃମିନାଶକ୍ ଦିବସ୍ ଭିଲ୍ ପାଲନ୍ କରାଯିବା । ଫାଇଲେରିଆ ନିରାକରଣ୍ ଲାଗି ଇ ୫ ଟା ଜିଲ୍ଲାର୍ ୭ ଟା ବ୍ଲକ୍ ଆଉ ସହରାଂଚଲ୍ ନ ଉଷୋ ଖୁଆଯିବା । କାର୍ଯ୍ୟକ୍ରମ୍‌ଥି ୨୨ ଶହ କର୍ମଚାରୀ ନିୟୋଜିତ୍ ଅଛନ୍ । ସେମାନେ ଘର୍ ଘର୍ ଯାଇକରି ଲୁକ୍‌କୁ ଫାଇଲେରିଆ ନିରୋଧୀ ଉଷୋ ଖୁଆବେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଇନ୍ ସଚେତନତା ଶିବିର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲାପାଲ୍ କାର୍ଯ୍ୟାଳୟ ପରିସର୍ ନ ଆଇନ୍ ସଚେତନତା ଶିବିର୍ ହେଇଯାଇଛେ । ଇ ଅବ୍‌ସରେ ଅତିଥି ମାନେ କର୍ମକ୍ଷେତ୍ର ନ ମହିଳାମାନ୍‌କର୍ ବିରୋଧ୍ ନ ହେଉଥିବା ଯୌନ ନିର୍ଯ୍ୟାତନା ନିରୋଧୀ ଆଇନ୍ ବାବ୍‌ଦେ ବୁଝେଇଥିଲେ ।

ପିଏମ୍‌ଶ୍ରୀ ଉତ୍ସବ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପିଏମ୍‌ଶ୍ରୀ ସର୍‌କାରୀ ବାଳିକା ଉଚ୍ଚବିଦ୍ୟାଳୟ ନ ଚାଲିଥିବା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ସଭାପତିତ୍ୱ ଆଉ ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ କଂଟାମାଲ୍ ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍‌ଭାଗୀ ଜାଗାନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀ ତକ୍ କମ୍‌ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ । ରାଜ୍ୟର୍ ସମୁଦ୍ରଖଁଡ଼ିର୍ ୭ ଟା ଜିଲ୍ଲା ନ ହାଲ୍‌କାନୁ ମଧ୍ୟମ ଧରଣର କୁହୁଡ଼ି ହେବା ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।